# NATIONAL NEWS BULLETIN (ODIA)

**1 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସଂସଦର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ।

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ।

- ଶୀତକାଳୀନ ଅଧିବେଶନ କେବଳ ଏକ ରୀତି ନୁହେଁ ବରଂ ଦେଶକୁ ବିକାଶ ଆଡକୁ ନେବାର ଏକ ପ୍ରକ୍ରିୟା କହିଲେ ପ୍ରଧାନମନ୍ତ୍ରୀ ।

- ଦେଶର ରପ୍ତାନୀ ସହିତ ଅର୍ଥନୀତିକୁ ଗତିଶୀଳ କରିବା କ୍ଷେତ୍ରରେ ଜୋତାଶିଳ୍ପର ପ୍ରମୁଖ ଭୂମିକା ରହିଥିବା କହିଛନ୍ତି ରାଷ୍ଟ୍ରପତି ।

- ଆଜିଠାରୁ ଆରମ୍ଭ ହେଲା ବିହାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ।

ଏବଂ

- ଇଣ୍ଡୋନେସିଆରେ ଘୂର୍ଣ୍ଣିଝଡ଼ ଜନିତ ବର୍ଷା, ବନ୍ୟା ଓ ଭୂ-ସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୪୪୨କୁ ବୃଦ୍ଧି ।

# ଏଲ୍‌ଏସ୍-ଆର୍‌ଏସ୍ ପ୍ରୋସିଡିଂ

ସଂସଦର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଏହି ଅଧିବେଶନ କାଳରେ ୧୯ଦିନରେ ୧୫ଟି କାର୍ଯ୍ୟଦିବସ ରହିଛି । ଆଜି ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ଲୋକସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟକେତେକ ବିଷୟକୁ ନେଇ ବିରୋଧୀଦଳ ଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଓମ୍ ବିର୍ଲା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି । ଆଜି ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହ ସମ୍ମିଳିତ ହେବା ପରେ ବିରୋଧୀ ଦଳର ସଦସ୍ୟମାନେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ । ହଟ୍ଟଗୋଳ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଶୋଧନ ବିଧେୟକ ଆଗତ କରିଥିଲେ । ଏହି ବିଧେୟକରେ କରାଯାଇଥିବା ସଂଶୋଧନ ଅନୁଯାୟୀ ନିଶାଦ୍ରବ୍ୟ ଉପରେ ଅଧିକ ଶୁଳ୍କ ଲାଗୁ କରାଯିବା ବ୍ୟବସ୍ଥା ରହିଛି । ଶ୍ରୀମତୀ ସୀତାରମଣ ପାନମସଲା ଭଳି ଦ୍ରବ୍ୟର ଉତ୍ପାଦନ ଉପରେ କର ଲାଗୁ କରିବା ଉଦ୍ଦେଶ୍ୟରେ ଜାତୀୟ ସୁରକ୍ଷା ସେସ୍ ବିଲ୍ ଲୋକସଭାରେ ଆଗତ କରିଛନ୍ତି । ଏଥିସହିତ ଶ୍ରମତୀ ସୀତାରମଣ ମଣିପୁର ସାମଗ୍ରୀ ଓ ସେବାକର ଦ୍ୱିତୀୟ ସଂଶୋଧନ ବିଧେୟକ ଆଗତ କରିଛନ୍ତି ।

ଲୋକସଭା ପକ୍ଷରୁ ଚଳିତ ଶୀତକାଳୀନ ଅଧିବେଶନର ଦ୍ୱିତୀୟ ସପ୍ତାହର ଶେଷଦିନ ସୁଦ୍ଧା ଜନବିଶ୍ୱାସ ସଂଶୋଧନ ବିଧେୟକ ଆଗତ କରିବା ଲାଗି ସିଲେକ୍ଟ କମିଟିକୁ ସମୟ ପ୍ରଦାନ କରାଯାଇଛି ।

ଆଜି ସକାଳେ ପୂର୍ବାହ୍ନ ୧୧ଟାରେ ଲୋକସଭା ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ପରଲୋକଗତ ଚଳଚ୍ଚିତ୍ର ଅଭିନେତା ଧର୍ମେନ୍ଦ୍ର, ଅବସରପ୍ରାପ୍ତ କଲୋନେଲ ସୁନାରାମ ଚୌଧୁରୀ, ପ୍ରଫେସର ବିଜୟ କୁମାର ମାଲହୋତ୍ରା ଏବଂ ରବି ନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦେଶପାଇଁ ସେମାନଙ୍କର ଅବଦାନକୁ ସ୍ମରଣ କରି ଲୋକସଭାର ସଦସ୍ୟମାନେ ନୀରବ ପ୍ରାର୍ଥନା କରିଥିଲେ ।

ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନକାଳ ଜାରି ରହିଥିଲା । ତେବେ ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନଙ୍କ ହଟ୍ଟଗୋଳ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଏହା ଗ୍ରହଣୀୟ ନୁହେଁ ବୋଲି କହିଥିଲେ । ଏବଂ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ରାଜ୍ୟସଭା ଆଜି ସକାଳେ ଆରମ୍ଭ ହେବା ମାତ୍ରେ ଗୁରବିନ୍ଦର ସିଂହ ଓବରାୟ, ଚୌଧୁରୀ ମହମ୍ମଦ ରମଜାନ ଏବଂ ସାଜିଦ ଅହମ୍ମଦ କିଚଲୁଙ୍କୁ ରାଜ୍ୟସଭାର ସଦସ୍ୟଭାବେ ଶପଥପାଠ କରାଯାଇଥିଲା । ଗୃହରେ ଅଧ୍ୟକ୍ଷତା କରୁଥିବା ସି.ପି. ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଶ୍ରୀ ରାଧାକ୍ରିଷ୍ଣନ ତୃଣମୂଳସ୍ତରରୁ ଆସି ଦେଶର ଉପରାଷ୍ଟ୍ରପତି ପଦବୀ ଗ୍ରହଣ କରିବା ଭାରତୀୟ ଗଣତନ୍ତ୍ରର ବାସ୍ତବ ସଫଳତା । ସେ କହିଥିଲେ, ତାଙ୍କ ଦିଗ୍‌ଦର୍ଶନରେ ଆଗାମୀ ଦିନରେ ରାଜ୍ୟସଭାରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା-ପର୍ଯ୍ୟାଲୋଚନା ହେବ ।

## V/O (PM on VP Welcome)

ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରି କହିଥିଲେ ସେ ଜଣେ ନୀତିନିଷ୍ଠ ବ୍ୟକ୍ତି । ଗୃହ କାର୍ଯ୍ୟରେ ତାଙ୍କ ଦିଗ୍‌ଦର୍ଶନରେ ସୁଦୃଢ଼ ବିତର୍କ ହୋଇପାରିବ ବୋଲି ସେ ଆଶାପୋଷଣ କରିଥିଲେ ।

## V/O (Haribans on VP)

ରାଜ୍ୟସଭାର ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଏବଂ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଶ୍ରୀ ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରିଥିଲେ ।

# ପିଏମ୍ ଏସ୍‌ଗ୍ରେସିଆ-ତାମିଲନାଡୁ

ତାମିଲନାଡୁ ଶିବଗଙ୍ଗାରେ ଘଟିଥିବା ଦୁର୍ଘଟଣାରେ ପ୍ରାଣହାନୀ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିଛନ୍ତି । ସେ ଆହତମାନଙ୍କ ଶୀଘ୍ର ଆରୋଗ୍ୟଲାଭ କାମନା କରିଛନ୍ତି । ଏହି ଘଟଣାରେ ପ୍ରଧାନମନ୍ତ୍ରୀ ମୃତକମାନଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ରୀୟ ରିଲିଫ ପାଣ୍ଠିରୁ ଏହି ସହାୟତା ରାଶି ପ୍ରଦାନ କରାଯିବ । ଆହତମାନଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଦିଆଯିବ ।

# ପିଏମ୍ ପାର୍ଲ୍ୟାମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଶୀତକାଳୀନ ଅଧିବେଶନ କେବଳ ଏକ ରୀତି ନୁହେଁ ବରଂ ଏହା ଭାରତକୁ ବିକାଶ ଆଡକୁ ନେବାପାଇଁ ପ୍ରତ୍ୟେକ ଉଦ୍ୟମକୁ ଗତି ପ୍ରଦାନ କରେ । ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ଆଜି ଗଣମାଧମକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ଉଲ୍ଲେଖନୀୟ ସଫଳତା ମିଳିଛି । ଏହି ଗତି ଦେଶକୁ ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ନୂଆ ଆତ୍ମବିଶ୍ୱାସ ପ୍ରଦାନ କରୁଛି ।

**V/O (PM Session)**

ପ୍ରଧାନମନ୍ତ୍ରୀ ସମସ୍ତ ରାଜନୈତିକ ଦଳକୁ ଅନୁରୋଧ କରିଛନ୍ତି ଯେ ଶୀତକାଳୀନ ଅଧିବେଶନରେ ପରାଜୟ ଯୋଗୁଁ ହତାଶ ହୋଇ ଏହାକୁ ରଣଭୂମି କରିବା କିମ୍ବା ବିଜୟଜନିତ ଅହଂକାରର କ୍ଷେତ୍ରରେ ପରିଣତ କରିବା ଉଚିତ୍ ନୁହେଁ । ସେ କହିଛନ୍ତି ରାଜନୀତିରେ ନକରାତ୍ମକର କିଛି ଆବଶ୍ୟକତା ଥାଇପାରେ କିନ୍ତୁ ବିକଶିତ ରାଷ୍ଟ୍ର ଗଠନ ପାଇଁ ସକରାତ୍ମକ ମାନସିକତାର ଆବଶ୍ୟକତା ରହିଛି ।

**V/O (PM Opposition)**

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ସଂସଦର ସଦସ୍ୟମାନେ ଶୀତକାଳୀନ ଅଧିବେଶନରେ ଯୁବ ସଦସ୍ୟମାନଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି ।

# ପ୍ରେଜ୍ କନଭୋକେଶନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଭାରତ କେବଳ ଆର୍ଥିକ ସ୍ୱାଧୀନତା ପାଇଁ ନୁହେଁ ବରଂ ବିଶ୍ୱସ୍ତରରେ ଏହାର ଆର୍ଥିକ ଭୂମିକାକୁ ବିସ୍ତାର କରିବା ପାଇଁ ଅଗ୍ରସର ହେଉଛି । ନୂଆଦିଲ୍ଲୀରେ ଆଜି ଫୁଟ୍‌ୱେୟାର ଡିଜାଇନ୍ ଏବଂ ବିକାଶ ପ୍ରତିଷ୍ଠାନର ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି ୨୦୨୪-୨୫ ଆର୍ଥିକ ବର୍ଷରେ ୨ହଜାର ୫୦୦ ନିୟୁତ ଡଲାରରୁ ଅଧିକ ରପ୍ତାନୀ ସହିତ ଅର୍ଥନୀତିକୁ ବୃଦ୍ଧି କରିବାରେ ଜୋତା ଶିଳ୍ପ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ଅବସରରେ ସେ ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ ୨୦୪୭ ବିକଶିତ ଭାରତ ସ୍ୱପ୍ନ ପୂରଣ କରିବା ଲାଗି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ ।

**V/O (Prez-Foot Wear)**

# ବିହାର ଲେଜିସେଟିଭ ଆସେମ୍ବ୍ଲି

ଅଷ୍ଟାଦଶ ବିହାର ବିଧାନସଭାର ଉଦ୍‌ଘାଟନୀ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଏହି ୫ଦିନିଆ ଅଧିବେଶନର ପ୍ରଥମ ଦିନରେ ନବନିର୍ବାଚିତ ସଦସ୍ୟମାନଙ୍କୁ କାମଚଳା ବାଚସ୍ପତି ନରେନ୍ଦ୍ର ନାରାୟଣ ଯାଦବ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଆସନ୍ତାକାଲି ବିଧାନସଭାର ନୂଆ ବାଚସ୍ପତି ଚୟନ କରାଯିବ । ଆସନ୍ତା ୩ ତାରିଖରେ

ରାଜ୍ୟପାଳ ବିଧାନସଭାର ଉଭୟ ଗୃହକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ପରେ ଦ୍ୱିତୀୟ ଅତିରିକ୍ତ ବଜେଟ୍ ଉପସ୍ଥାପନ କରାଯିବ । ରାଜ୍ୟପାଳଙ୍କ ଉଦ୍‌ବୋଧନ ଉପରେ ଡିସେମ୍ବର ୪ ତାରିଖରେ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯାଇ ଆଲୋଚନା ହେବ ।

## ଇଣ୍ଡୋନେସିଆ ଫ୍ଲଡ

ଇଣ୍ଡୋନେସିଆରେ ଘୂର୍ଣ୍ଣିଝଡ଼ଜନିତ ବର୍ଷା ଏବଂ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁ ସଂଖ୍ୟା ୪୪୨କୁ ବୃଦ୍ଧି ପାଇଛି । ସେଠାକାର ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଉତ୍ତର ସୁମାତ୍ରା ଏବଂ ପଶ୍ଚିମ ସୁମାତ୍ରାରେ ୪୦୨ଜଣରୁ ଅଧିକ ଲୋକ ନିଖୋଜ ଅଛନ୍ତି । ବନ୍ୟା ଓ ବର୍ଷା ପ୍ରଭାବିତ ଅନେକ ଅଞ୍ଚଳରେ ପହଞ୍ଚିବା ସମ୍ଭବ ହୋଇନଥିବାରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ହଜାର ହଜାର ଲୋକ ଏବେମଧ୍ୟ ପ୍ରଭାବିତ କ୍ଷେତ୍ର ଗୁଡ଼ିକରେ ରହିଥିବା ଜଣାପଡିଛି । କେନ୍ଦ୍ରୀୟ ତାପାନୁଲି ଏବଂ ସିବୋଲଗାରେ ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ପହଞ୍ଚିପାରି ନାହାନ୍ତି । ସୂଚନା ଅନୁଯାୟୀ ସେନ୍ୟାର ଘୂର୍ଣ୍ଣିଝଡ଼ ଯୋଗୁଁ ଗତ ସପ୍ତାହରେ ଇଣ୍ଡୋନେସିଆରେ ଭୂସ୍ଖଳନ ଏବଂ ବନ୍ୟାରେ ହଜାର ହଜାର ବାସଗୃହ ଧ୍ୱଂସ ପାଇଯାଇଛି । ଥାଇଲାଣ୍ଡ, ମାଲେସିଆ, ଫିଲିପାଇନ୍ସ ଏବଂ ଶ୍ରୀଲଙ୍କାରେ ଏହି ଝଡ଼ର ପ୍ରଭାବରେ

ଲକ୍ଷଲକ୍ଷ ଲୋକ ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ମୋଟ୍ ୯୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।

## ଏଚ୍ଏମ୍-ନାଗାଲାଣ୍ଡ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ନାଗାଲାଣ୍ଡର ପ୍ରତିଷ୍ଠା ଦିବସ ଅବସରରେ ସେଠାକାର ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ରାଜ୍ୟର ପରମ୍ପରା ଏବଂ ଲୋକଙ୍କ ଦୃଢ଼ ମନୋଭାବ ଦେଶର ସାଂସ୍କୃତିକ ପରମ୍ପରାକୁ ସୁଦୃଢ଼ କରିଛି । ସେ ନାଗାଲାଣ୍ଡ ବାସୀଙ୍କ ଶାନ୍ତି, ପ୍ରଗତି ଓ ସମୃଦ୍ଧି କାମନା କରିଛନ୍ତି ।

## ୱାର୍ଲ୍ଡ ଆଥଲେଟିକ ଆୱାର୍ସ

୨୦୨୫ ବିଶ୍ୱ ଆଥଲେଟିକ୍ସ ପୁରସ୍କାର ସମାରୋହରେ ସ୍ୱେଡେନର ପୋଲଭଲ୍ଟ ତାରକା ଆର୍ମାଣ୍ଡ ଡୁପ୍ଲାଣ୍ଟିକ୍ସ ଏବଂ ଆମେରିକାର ଧାବିକା ସିଡ୍ନୀ ଲାଫ୍ଲିନ-ଲିବରନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୫ରେ ଡୁପ୍ଲାଣ୍ଟିକ୍ସ ପୁରୁଷ ପୋଲଭଲ୍ଟରେ ୪ଥର ବିଶ୍ୱରେକର୍ଡ ସ୍ଥାପନ କରିବା ସହ ୧୪ଟିଯାକ ପ୍ରତିଯୋଗିତାରେ ବିଜୟ ହାସଲ କରିଥିଲେ । ୨୬ବର୍ଷୀୟ ଡୁପ୍ଲାଣ୍ଟିକ୍ସ କ୍ରମାଗତଭାବେ ୨ବର୍ଷ ହେବ ଏକକ ପର୍ଯ୍ୟାୟରେ ବିଜୟଲାଭ କରିଆସୁଛନ୍ତି । ଆମେରିକାର ଲାଫ୍ଲିନ ମହିଳା ୪୦୦ ମିଟର ଦୌଡ଼ରେ ୪୭ ଦଶମିକ ୭/୮ ସେକେଣ୍ଡରେ ଟୋକିଓରେ

ଟାଇଟଲ ହାସଲ କରିଛନ୍ତି । ଉଭୟ ୪୦୦ମିଟର ଏବଂ ୪୦୦ମିଟର ବାଧା ଦୌଡ଼ରେ ଟାଇଟଲ ହାସଲ କରିବା କ୍ଷେତ୍ରରେ ସେ ଇତିହାସ ସୃଷ୍ଟି କରିଛନ୍ତି । ଏହି ପୁରସ୍କାର ସମାରୋହରେ ଡୁପ୍ଲାଣ୍ଟିକ୍ସଙ୍କୁ ଚଳିତବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଘୋଷଣା କରାଯାଇଥିବାବେଳେ ଲାଫ୍‌ଲିନ୍‌ଙ୍କୁ ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍‌ଭାବେ ଘୋଷଣା କରାଯାଇଛି ।